# ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

ସମିତି ସର୍କୁଲାର ନଂ......୪୦........./୨୦୧୮  ତା.୧୯.୦୯.୨୦୧୮

ଏତଦ୍ ଦ୍ୱାରା ସମଲେଶ୍ୱରୀ ଦୁଗ୍ଧ ସଂଘ ଅନ୍ତର୍ଗତ ସମସ୍ତ ସମିତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମହାସଂଘ ତରଫରୁ ସଭ୍ୟ/ସଭ୍ୟାମାନଙ୍କୁ ଦୁଗ୍ଧ ଲିଟର ପ୍ରତି ଟ.୧.୦୦ (ଏକ ଟଙ୍କା ମାତ୍ର) ଗୋ-ଖାଦ୍ୟ ତଥା ଘାସ ଚାଷ (Feed & Fodder) ବାବଦକୁ ସହଯୋଗ ରାଶି ଆସନ୍ତା ତା.୦୧.୦୯.୨୦୧୮ ରୁ ୩୧.୦୩.୨୦୧୯ ପର୍ଯ୍ୟନ୍ତ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି ।

ଏଣୁ ଏଥି ସହ ସହଯୋଗ ରାଶି ଦେବା ପାଇଁ ଏକ ଗାଇଡ୍ ଲାଇନ୍ ସମିତି ଓ ସମିତିର ଚାଷୀମାନଙ୍କ ପାଇଁ ସଂଲଗ୍ନ କରାଗଲା ।

ସମସ୍ତ ସମିତିର ସଂପାଦକ ଓ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା ମାନେ ଦୁଗ୍ଧ ବିଲ୍ ନିଶୋଧନର ମାସିକ ତାଲିକା, ପେମେଣ୍ଟ ରେଜିଷ୍ଟର୍ ର ଜେରକ୍ସ ଓ ବ୍ୟାଙ୍କ୍ କୁ ଦିଆଯାଇଥିବା ପେମେଣ୍ଟ ବିବରଣୀ ର ଜେରକ୍ସ କପି ଦୁଗ୍ଧ ବିଲ୍ ନିଶୋଧନର ୫ ଦିନ ମଧ୍ୟରେ ସଂଘକୁ ପଠାଇବେ ।

ଉକ୍ତ ମାସିକ ତାଲିକା ମହାସଂଘକୁ ପଠାଗଲା ପରେ ତାହା ସିଧାସଳଖ ସଭ୍ୟ/ସଭ୍ୟାମାନଙ୍କ ବ୍ୟାଙ୍କ୍ ପାସ୍ ବୁକ୍ ରେ ଜମା ହେବ ।

ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ ନଂ......୬୪୭.........  ତା.୧୯.୦୯.୨୦୧୮

ନକଲ ପାଇବେ -୧. ସମସ୍ତ ସମିତି/ ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା/ଅଂଚଳ ଭାରପ୍ରାପ୍ତ ଅଧିକାରୀ

୨. ଡେପୁଟୀ ଜେନେରାଲ୍ ମ୍ୟାନେଜର (ପି.ଏଣ୍ଡ୍. ଆଇ ଓ ସି.ଏସ୍.ଏସ୍), ଓମଫେଡ୍, ଭୁବନେଶ୍ୱର ।

୩. ଡେପୁଟୀ ଜେନେରାଲ୍ ମ୍ୟାନେଜର (ଅର୍ଥ), ଓମଫେଡ୍, ଭୁବନେଶ୍ୱର ।

୪. ପି.ଏ, ପରିଚାଳନା ନିର୍ଦ୍ଦେଶକ, ଓମ୍ଫେଡ୍, ଭୁବନେଶ୍ୱର.......ପରିଚାଳନା ନିର୍ଦ୍ଦେଶକ ଓମଫେଡ୍, ଙ୍କ ଅବଗତ ନିମନ୍ତେ ।

ସାଧାରଣ ପରିଚାଳକ

## GUIDELINES FOR DISBURSEMENT OF INCENTIVE TO DAIRY FARMERS OF DCS TOWARDS FEED & FODDER

## ସମିତି ସ୍ତରରେ ଦୁଗ୍ଧ ଚାଷୀମାନଙ୍କୁ ଗୋ-ଖାଦ୍ୟ ତଥା ଘାସଚାଷ ସକାଶେ ସହଯୋଗ ରାଶି ବଣ୍ଟନ ନିର୍ଦ୍ଦେଶାବଳୀ

**କ. ଲକ୍ଷ୍ୟ (Objectives) :**

୧. ଦୁଗ୍ଧ ଉତ୍ପାଦନ ତଥା ଉତ୍ପାଦକତାର ଅଭିବୃଦ୍ଧି
୨. ଗୋ-ପାଳକମାନଙ୍କ ଅତିରିକ୍ତ ଆୟ ସୃଷ୍ଟି
୩. ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନରେ ବୃଦ୍ଧି
୪. ପ୍ରଚୁର ଦୁଗ୍ଧ ଉତ୍ପାଦନ ମାଧ୍ୟମରେ ରାଜ୍ୟ ଆତ୍ମନିର୍ଭରଶୀଳ ହେବାର ଲକ୍ଷ୍ୟ
୫. ଗ୍ରାମାଂଚଳରେ ଅଧିକ ସଂଖ୍ୟକ ଗୋ-ପାଳକ ପରିବାରର ବୃଦ୍ଧି
୬. ମୁଣ୍ଡପିଛା ଦୁଗ୍ଧ-ଖାଉଟୀଙ୍କ ବୃଦ୍ଧି

**ଖ. ହିତାଧିକାରୀ (Beneficiaries) :**

୧. ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିରେ ଓମ୍‌ଫେଡ୍ ଦ୍ୱାରା ସ୍ଥିର କରାଯାଇଥିବା ଗୁଣ ଓ ମାନର ଦୁଗ୍ଧ ନିୟମିତି ଭାବେ ଯୋଗାଉଥିବା ସଭ୍ୟ ଦୁଗ୍ଧ ଉତ୍ପାଦକମାନଙ୍କ ଠାରୁ ସଂଗ୍ରହ କରୁଥିବା ମଧ୍ୟସ୍ଥି କିମ୍ବା ବେପାରୀ ଏଥିପାଇଁ ଯୋଗ୍ୟ ହେବେ ନାହିଁ ।
୨. ପଛୁଆ ଓ ଅନୁନ୍ନତ ଅଂଚଳକୁ ସୁଯୋଗ ଦିଆଯିବ ।
୩. ନିୟମିତି ଦୁଗ୍ଧ ଯୋଗାଉଥିବା ସଭ୍ୟ ଉକ୍ତ ଯୋଜନା ଅନ୍ତର୍ଗତ ସୁବିଧା ପାଇଁ ଯୋଗ୍ୟ ବିବେଚିତ ହେବେ ଯଦି ସମବାୟ ସମିତି ଦ୍ୱାରା ତାଙ୍କ ଦୁଗ୍ଧ ଗ୍ରହଣ ପୂର୍ବକ ତା'ର ମୂଲ୍ୟ ପାଇଥିବେ ।

**ଗ. କାର୍ଯ୍ୟାନ୍ୱୟନ ସଂସ୍ଥା (Implementing Agency) :**

୧. ଉକ୍ତ ଯୋଜନାକୁ ଓମ୍‌ଫେଡ୍ ଦ୍ୱାରା କାର୍ଯ୍ୟକାରୀ କରାଯିବ ।

**ଘ. ଯୋଜନାର ସବିଶେଷ କାର୍ଯ୍ୟକାରୀତା (Implementation Details of the Scheme) :**

ନିମ୍ନୋକ୍ତ ପ୍ରସ୍ତାବିତ ଯୋଜନା/ପ୍ରକଳ୍ପ ଦୁଗ୍ଧ ସମବାୟ ସମିତିର ଚାଷୀମାନଙ୍କ ଗୋ-ପାଳନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗୋ-ଖାଦ୍ୟ ଓ ଘାସଚାଷ ନିମନ୍ତେ ସହଯୋଗ ରାଶି ମାଧ୍ୟମରେ ଅଭାବ ପୂରଣ କରିବ ।

୧. ଦୁଗ୍ଧଚାଷୀ ଗୋ-ଖାଦ୍ୟ ତଥା ଘାସ ପାଇଁ କରୁଥିବା ଖର୍ଚ୍ଚକୁ କିଛିକାଂଶରେ ଭରଣା କରିବାକୁ ପ୍ରତି ଲିଟର ପିଛା ଦୁଗ୍ଧ ଉତ୍ପାଦନ ପାଇଁ ଟ.୧.୦୦(ଏକ ଟଙ୍କା) ଲେଖାଏଁ ସେପ୍ଟେମ୍ବର ତା.୧ ରିଖଠାରୁ

ମାର୍ଚ୍ଚ ତା.୩୧ରିଖ (୭ମାସ) ପର୍ଯ୍ୟନ୍ତ ଏକ ସହଯୋଗ ରାଶି ଯୋଗାଇ ଦିଆଯିବ କାରଣ ଯେହେତୁ ଡିସେମ୍ବର ୨୦୧୪ ମସିହାରୁ ଦୁଗ୍ଧ ଚାଷୀମାନଙ୍କ ଉତ୍ପାଦିତ ଦୁଗ୍ଧ ମୂଲ୍ୟରେ କୌଣସି ପ୍ରକାର ବୃଦ୍ଧି କରାଯାଇ ନାହିଁ ବରଂ ଗୋଖାଦ୍ୟ ମୂଲ୍ୟରେ ବୃଦ୍ଧି ଘଟିଛି ।

୨. ତିନିବର୍ଷ ହେଲା ଦୁଗ୍ଧ ଚାଷୀ ଗୋ-ଖାଦ୍ୟ ଓ ଡ଼େରୀ ପରିଚାଳନା ପାଇଁ ବ୍ୟବହୃତ କରୁଥିବା କଂଚାମାଲ ଏବଂ ଆବଶ୍ୟକୀୟ କୃଷିଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେବାରେ ଲାଗିଛି; ଯାହାଫଳରେ ବଜାରରେ ମିଳୁଥିବା ସନ୍ତୁଳିତ ଗୋ-ଖାଦ୍ୟର ମୂଲ୍ୟରେ ମଧ୍ୟ ବୃଦ୍ଧି ହେଉଛି । ତେଣୁ ଉକ୍ତ ଅଭିବୃଦ୍ଧିର ଗୁରୁତର ପ୍ରଭାବ ହେତୁ ଗୋପାଳନରେ ହେଉଥିବା ଆଂଶିକ ଲାଭ ଉପରେ ମଧ୍ୟ ପ୍ରଭାବ ପଡ଼ିଛି ।

୩. ସାଧାରଣତଃ ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ସଙ୍କର ଜାତୀୟ ଗାଈମାନଙ୍କ ଶରୀର ପୋଷଣ ତଥା ଦୁଗ୍ଧ ଉତ୍ପାଦନ ପାଇଁ concentrate ଗୋ-ଖାଦ୍ୟର ଆବଶ୍ୟକତା ରହିବା ସ୍ଥଳେ ସନ୍ତୁଳିତ ଗୋ-ଖାଦ୍ୟ ଏବଂ ଆବଶ୍ୟକ ମୁତାବକ ସାଗୁଆ ଘାସର ମଧ୍ୟ ନିହାତି ଆବଶ୍ୟକତା ରହିଛି; ଯାହାଫଳରେ ସଙ୍କର ଜାତୀୟ ଗାଈମାନଙ୍କ ସଂଖ୍ୟା ବୃଦ୍ଧି ହେବା ସଙ୍ଗେ ସଙ୍ଗେ concentrate ଗୋ-ଖାଦ୍ୟର ଚାହିଦା ମଧ୍ୟ ବୃଦ୍ଧି ହେବ ।

୪. ଓମ୍‌ଫେଡ୍ ପୁନର୍ବାର ରାଜ୍ୟ ସରକାରଙ୍କ ସହାୟତାରେ ୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ସ୍ୱୟଂଚାଳିତ ଡ଼େରୀ ପ୍ଲାଣ୍ଟ ପ୍ରତିଷ୍ଠା ପୂର୍ବକ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଚାହିଦା ପୂରଣ କରିବା ଦିଗରେ ସକ୍ଷମ ହେବ । ଉକ୍ତ କାରଖାନା କାର୍ଯ୍ୟକ୍ଷମ ହେବାପରେ ଯେହେତୁ ଅଧିକ ଦୁଗ୍ଧର ଆବଶ୍ୟକତା ରହିଛି; ଏଥିପାଇଁ ଦୁଗ୍ଧଚାଷୀମାନଙ୍କ ଦୁଗ୍ଧ ଉତ୍ପାଦନ ଓ ସଂଗ୍ରହକୁ ବୃଦ୍ଧି କରିବାପାଇଁ ଏଭଳି ପ୍ରୋତ୍ସାହନ ରାଶି ମାଧ୍ୟମରେ ତାଙ୍କ ଭିତରେ ଉତ୍ସାହ ସୃଷ୍ଟି କରିବା ଓ ଯୋଜନାର ଅନ୍ୟତମ ଲକ୍ଷ୍ୟ ।

୫. ଦୁଗ୍ଧ ଉତ୍ପାଦନ ହ୍ରାସ (Lean Season) ସମୟରେ ଦୁଗ୍ଧର ଅଭାବହେତୁ ବଜାରର ଚାହିଦା ପୂରଣ କରିବା ସମ୍ଭବ ହେଉ ନଥିବା କାରଣରୁ ଓମ୍‌ଫେଡ୍ ଅନ୍ୟ ଦୁଗ୍ଧ ସଂଘ ଠାରୁ ଗୁଣ୍ଡ ଦୁଗ୍ଧ (Skim Milk Powder) କ୍ରୟ କରି ବଜାର ଚାହିଦାକୁ ପୂରଣ କରିଥାଏ । ସେଥିପାଇଁ ଦୁଗ୍ଧ ଉତ୍ପାଦନ ଓ ସଂଗ୍ରହ ବୃଦ୍ଧି ନିମନ୍ତେ ଦୁଗ୍ଧଚାଷୀମାନଙ୍କୁ ଉକ୍ତ Lean Season ରେ ଏଭଳି ପ୍ରୋତ୍ସାହନ ଦିଆଯିବାର ଆବଶ୍ୟକତା ରହିଛି ।

**୬. <u>ପରିଚାଳନା ପଦ୍ଧତି (Mode of Operation) :</u>**

୧. ଉକ୍ତ ପ୍ରୋତ୍ସାହନ ରାଶି ଦୁଗ୍ଧ ସମିତିରେ ନିୟମିତ ଭାବେ ଦୁଗ୍ଧ ଯୋଗାଉଥିବା ସଭ୍ୟ/ସଭ୍ୟାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ରେ ସିଧାସଳଖ ଜମା କରାଯିବ ।

୨. ଏହି ସହଯୋଗ ରାଶି (Incentive) କେବଳ ଦୁଗ୍ଧ ହ୍ରାସ ସମୟ (Lean Season) ଅର୍ଥାତ୍ ସେପ୍ଟେମ୍ବର ରୁ ମାର୍ଚ୍ଚ ମାସ ପାଇଁ ଦିଆଯିବ ।

ଚ. **ସହଯୋଗ ରାଶି ପାଇବା ପାଇଁ ଯୋଗ୍ୟତା (Eligibility for Incentive) :**

୧. ନିୟମିତ ଭାବେ ଦୁଗ୍ଧ ସମବାୟ ସମିତିରେ ଚୁକ୍ତିବଦ୍ଧ ଦୁଗ୍ଧ ଯୋଗାଉଥିବା ସଭ୍ୟ ହିଁ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ।

୨. ଅପମିଶ୍ରିତ ଦୁଗ୍ଧ ଯୋଗାଣକାରୀ ସଭ୍ୟ/ସଭ୍ୟା ଉକ୍ତ ସହଯୋଗ ରାଶି ପାଇଁ ଯୋଗ୍ୟ ହେବେ ନାହିଁ ।

୩. ଦୁଗ୍ଧ ଗ୍ରହଣର ମାନଦଣ୍ଡ ଘିଅ ଅଂଶ (Fat%) ୩.୫% ଓ ଛେନା ଅଂଶ (SNF%) ୮.୦% ଅନୁଯାୟୀ ସଭ୍ୟମାନେ ଲିଟର ପିଛା ଟ.୧.୦୦ ହିସାବରେ ସହଯୋଗ ରାଶି ପାଇବେ ।

୪. ଦୁଗ୍ଧର ଘିଅ ଅଂଶ (Fat%) ୩.୫% ଓ ଛେନା ଅଂଶ (SNF%) ୮.୦% ମାନଦଣ୍ଡର ଦୁଗ୍ଧ ଯୋଗାଉଥିବା ସଭ୍ୟମାନଙ୍କୁ ଉକ୍ତ ସହଯୋଗ ରାଶି ଯୋଗାଇ ଦିଆଯିବ ମାତ୍ର ୮.୦% ଛେନା ଅଂଶରୁ ଯେତିକି ତଳକୁ ଅର୍ଥାତ୍ ପ୍ରତି ୦.୧% ଛେନା ଅଂଶ ହ୍ରାସ ପାଇଁ ୦.୧୦ ପଇସା ସହଯୋଗ ରାଶି, ସ୍ଥିର ହୋଇଥିବା ୮.୦% ଛେନା ଅଂଶର ମୂଲ୍ୟରୁ ହ୍ରାସହୋଇ ଚାଲିବ ।

୫. ଯେଉଁ ସଭ୍ୟ/ସଭ୍ୟାମାନେ ଦୁଗ୍ଧ ହ୍ରାସ (Lean Period) ରେ ସମିତିକୁ ଅତ୍ୟନ୍ତ ନିମ୍ନମାନର ଅର୍ଥାତ୍ ୩.୨% ଘିଅ (Fat) ଏବଂ ୭.୮% ଛେନା (SNF) ଯୁକ୍ତ ଦୁଗ୍ଧ ଯୋଗାଇଥିବେ ସେମାନେ ଏହି ପ୍ରୋତ୍ସାହନ ରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ ।

୬. ଯଦି କୌଣସି ଦୁଗ୍ଧ ଯୋଗାଣକାରୀ ସଭ୍ୟ/ସଭ୍ୟା Lean Season ରେ (ସେପ୍ଟେମ୍ବର ରୁ ମାର୍ଚ୍ଚ) ସମିତି ବାହାରେ ଅନ୍ୟ କୌଣସି ସଂସ୍ଥାକୁ ଦୁଗ୍ଧ ବିକ୍ରି କରେ ତା'ହେଲେ ଓମ୍‌ଫେଡ୍ ତାକୁ ସହଯୋଗ ରାଶି ଦେବାରୁ ବଂଚିତ କରିବ ।

୭. ଯଦି କୌଣସି ସଭ୍ୟ/ସଭ୍ୟା ୮.୦% ଛେନା ଅଂଶରୁ ତଳକୁ ଥିବା ଦୁଗ୍ଧ ସମିତିକୁ ଯୋଗାଉଥିବେ ତେବେ ତାଙ୍କୁ ତିନିମାସ ଭିତରେ ଦୁଗ୍ଧର ଛେନା ଅଂଶ (SNF%) ବୃଦ୍ଧି କରିବାପାଇଁ ଚେତାବନୀ (Warning) ପତ୍ର ପ୍ରେରଣ କରାଯିବ; ଏସବୁ ସତ୍ତ୍ୱେଯଦି ତାଙ୍କ ଦୁଗ୍ଧର ଛେନା ଅଂଶ (SNF%) ୮.୦%କୁ ଉନ୍ନୀତ ନ ହୁଏ, ତା'ହେଲେ ଭବିଷ୍ୟତରେ ସେହି ସଭ୍ୟ/ସଭ୍ୟା ଉକ୍ତ ସହଯୋଗ ରାଶିର ଫାଇଦା ଆଦୌ ପାଇପାରିବେ ନାହିଁ ।

ଛ. **ଦୁଗ୍ଧ ସମିତିର ସଭ୍ୟ/ସଭ୍ୟାଙ୍କ ଦାୟୀତ୍ୱ (Role of Dairy Farmers) :**

୧. ସଭ୍ୟ/ସଭ୍ୟାମାନେ ଅବିଛିନ୍ନ ଭାବେ ନିୟମିତ ସମିତିକୁ ହିଁ ଦୁଗ୍ଧ ଯୋଗାଇବେ ଏବଂ ଦୁଗ୍ଧ ହ୍ରାସ ସମୟରେ (Lean Period) (ସେପ୍ଟେମ୍ବର ରୁ ମାର୍ଚ୍ଚ) ସମିତି ବାହାରେ ଅନ୍ୟ କୌଣସି ସଂସ୍ଥାରେ ଦୁଗ୍ଧ ବିକ୍ରୟ କରି ପାରିବେ ନାହିଁ ।

୨. ସଭ୍ୟ/ସଭ୍ୟାମାନେ ଆବଶ୍ୟକୀୟ ଗୁଣ ଓ ମାନର ଦୁଗ୍ଧ ତଥା କୌଣସି ପ୍ରକାର ଅପମିଶ୍ରଣ ହୋଇ ନଥିବା ଦୁଗ୍ଧ ହିଁ ସମିତିକୁ ଯୋଗାଇବେ ।

୩. ସଭ୍ୟ/ସଭ୍ୟାମାନେ ଆଇନ୍ ଅନୁଯାୟୀ ସମିତି ସହିତ ନିର୍ଦ୍ଧାରିତ ଫର୍ମାରେ ଚୁକ୍ତିବଦ୍ଧ ରହିବେ ।

୪. ସଭ୍ୟ/ସଭ୍ୟାମାନେ ନିୟମିତଭାବେ ଦୁଗ୍ଧ ପାସ୍-ବୁକ୍‌କୁ ବର୍ତ୍ତମାନ ପର୍ଯ୍ୟନ୍ତ (Up date) ନିଶ୍ଚିତଭାବେ ପୂରଣ କରାଇବେ ।

୫. ସହଯୋଗ ରାଶି ପାଇବା ପାଇଁ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଓ ତଥ୍ୟ ଯଥା – ସଠିକ୍ ନାମ, ସଭ୍ୟପଦ ନମ୍ବର, ବ୍ୟାଙ୍କ୍ ସବିଶେଷ ତଥ୍ୟ ସଭ୍ୟ/ସଭ୍ୟାମାନେ ଦାଖଲ୍ କରିବେ ।

ଜ. **ଦୁଗ୍ଧ ସମବାୟ ସମିତିମାନଙ୍କର ଦାୟିତ୍ୱ (Role of Dairy Co-operative Societies (DCS) :**

୧. ସମସ୍ତ ପ୍ରକାର ରେଜିଷ୍ଟର ଅର୍ଥାତ୍ ସଭ୍ୟପଦ (Membership) ଦୁଗ୍ଧ କ୍ରୟ (Purchase) ଦୁଗ୍ଧ ବିଲ୍ ନିଶୋଧନ (Payment ) ରେଜିଷ୍ଟର ବର୍ତ୍ତମାନ ପର୍ଯ୍ୟନ୍ତ (Up date) ଲେଖାହେବ ।

୨. ସମିତିକୁ ଅନିୟମିତ ଯୋଗାଣକାରୀ ସଭ୍ୟ (Irregular Member) ନିମ୍ନମାନର ତଥା ଅପମିଶ୍ରିତ ଦୁଗ୍ଧ ଯୋଗାଉଥିବା ସଭ୍ୟ/ସଭ୍ୟାମାନଙ୍କୁ ସ୍ୱତନ୍ତ୍ରଭାବେ ଚିହ୍ନଟ କରାଯିବ ।

୩. ସହଯୋଗ ରାଶି ପ୍ରଦାନ ସକାଶେ ସମିତି ସ୍ତରରେ ଏକ ସ୍ୱତନ୍ତ୍ର ରେଜିଷ୍ଟର ଲିପିବଦ୍ଧ ପୂର୍ବକ ପରିଚାଳନା କରାଯିବ ।

୪. ସମିତିର ସଂପାଦକ ନିର୍ଦ୍ଧାରିତ ଫର୍ମରେ ପ୍ରତ୍ୟେକ ସଭ୍ୟ/ସଭ୍ୟାଙ୍କ ମାସିକ ଦୁଗ୍ଧ ଯୋଗାଣ ପରିମାଣ/ସହଯୋଗ (Incentive) ରାଶିର ତାଲିକା; ଯାହାକି ସମିତିର ସଭାପତି ଓ ପରିଚାଳନା ପରିଷଦର ୨ ଜଣ ସଭ୍ୟଙ୍କ ଦ୍ୱାରା ପ୍ରମାଣିତ (Certified) ହେବା ସଙ୍ଗେ ସଙ୍ଗେ ଦୁଗ୍ଧ ମାର୍ଗ ପରିଦର୍ଶକଙ୍କ ଦ୍ୱାରା ମଧ୍ୟ ପ୍ରତି ସ୍ୱାକ୍ଷର (Counter signed) ହେବ ।

୫. ପ୍ରତିମାସ ତା.୭ ରିଖ ସୁଦ୍ଧା ସହଯୋଗ ରାଶିର ତାଲିକା (Incentive Statement) ପ୍ରସ୍ତୁତି ପୂର୍ବକ ଦୁଗ୍ଧ ସଂଘ କାର୍ଯ୍ୟାଳୟକୁ ପଠାଇବ ।

୫. **ଯୋଜନାର କାଗଜପତ୍ର ପରିଚାଳନା, ସମୀକ୍ଷା ଓ ପରିଦର୍ଶନ (Maintenance of Records, Audit & Supervision of the Schemes) :**

୧. ସମସ୍ତ ଦୁଗ୍ଧ ସଂଘ ଏବଂ ଦୁଗ୍ଧ ସମିତି ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ନିମ୍ନଲିଖିତ ତଥ୍ୟ ସାଇତି ରଖିବେ ।

(କ) - ଦୁଗ୍ଧ ଯୋଗାଣକାରୀ ହିତାଧିକାରୀଙ୍କ ତାଲିକା

(ଖ) – ହିତାଧିକାରୀଙ୍କ ଦ୍ୱାରା ଯୋଗାଉଥିବା ଦୁଗ୍ଧର ପରିମାଣ

(ଗ) – ସମିତି ସ୍ତରରେ ସଂଗୃହୀତ ହେଉଥିବା ଦୁଗ୍ଧର ପରିମାଣ

(ଘ) – ସ୍ୱତନ୍ତ୍ର ଭାବେ ପ୍ରତ୍ୟେକ ସଭ୍ୟଙ୍କ ସବିଶେଷ ବ୍ୟାଙ୍କ୍ ତଥ୍ୟ

୨. ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ, ଓଡ଼ିଶା ସରକାର ଏବଂ ଓମ୍‌ଫେଡ୍ ଅଧିକାରୀବୃନ୍ଦ ଯେ କୌଣସି ସମୟରେ ଉକ୍ତ ସହଯୋଗ ରାଶିର ସମସ୍ତ ତଥ୍ୟ ତଥା କାଗଜପତ୍ର ତଦାରଖ କରିପାରିବେ ।

୩. ଯଦି କୌଣସିଠାରେ ଏହାର ବ୍ୟତିକ୍ରମ, ତ୍ରୁଟୀ ତଥା ଠକାମି ଆଦିର ପରିଲକ୍ଷିତ ହୁଏ, ତା'ହେଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୪. ଅସଂପୂର୍ଣ୍ଣ ପ୍ରାପ୍ୟ ତାଲିକା (Claim Statement) ଗ୍ରହଣ କରାଯିବ ନାହିଁ ଏବଂ ଏଥିପାଇଁ ସଂପୃକ୍ତ ବ୍ୟକ୍ତି ହିଁ ଦାୟୀ ରହିବେ ।

FORM - 'A'

# ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ

ସମିତିର ନାମ ________________ ଠିକଣା ________________ ମାସର ନାମ ________________

| କ୍ରମିକ ସଂଖ୍ୟା | ସଭ୍ୟ/ସଭ୍ୟାଙ୍କ ନାମ | ସଭ୍ୟ ପଦ ସଂଖ୍ୟା | ଦୁଗ୍ଧ ଯୋଗାଣ ପରିମାଣ (ଲିଟରରେ) | ହାରାହାରି ଗୁଣବତା | | ପ୍ରୋତ୍ସାହନ ରାଶି (ଟଙ୍କାରେ) | ବ୍ୟାଙ୍କର ନାମ | ବ୍ୟାଙ୍କ ଶାଖା ନାମ | ଆକାଉଣ୍ଟ ନଂ | IFSC କୋଡ | ଦସ୍ତଖତ |
|---|---|---|---|---|---|---|---|---|---|---|---|
| | | | | ଲହୁଣୀ % | ଛେନା % | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |
| | | | | | | | | | | | |

ସଂପାଦକ ସଭାପତି କମିଟି ମେମ୍ବର (୧) କମିଟି ମେମ୍ବର(୨) ରୁଟ ସୁପରଭାଇଜର